ପ୍ରେସ୍ ନୋଟ୍

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ।

ଅନୁଗୋଳ :- ତା.୨୯.୧୧ :- ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଡକ ସୁରକ୍ଷା ସପ୍ତାହ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇ ୭ ତାରିଖରେ ସମାପ୍ତ ହେବ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେନ୍ଦ୍ରନାଥ ରାୟଗୁରୁ ସଡକ ସୁରକ୍ଷା ଉପରେ ଆଲୋଚନାରେ ଅଂଶଗ୍ରହଣ କରି ଯେଉଁ ବିଭାଗଗୁଡିକର ଗୁରୁ ଦାୟିତ୍ୱ ରହିଛି ଦାୟିତ୍ୱବୋଧ ସହକାରେ ଜନ ଜୀବନ ସୁରକ୍ଷା ନିମନ୍ତେ ଦାୟିତ୍ୱ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ । ସଡକ ସୁରକ୍ଷା ନିମନ୍ତେ ଜରପଡା,ବଆଁରପାଳ,ହଣ୍ଡପା ,ସଦର ଥାନା ଏବଂ ପାଲଲହଡାର ଭାରପ୍ରାପ୍ତ ପୋଲିସ ଅଧିକାରୀମାନଂକୁ ଜାତୀୟ ରାଜପଥଗୁଡିକରେ ସତର୍କତା ପୂର୍ବକ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା । ପାଲଲହଡା, ଆଠମଲ୍ଲିକ ଏବଂ ପୁରୁଣାକୋଟ ପୋଲିସ ଷ୍ଟେସନ ଅଧିନରେ ଥିବା ପିକନିକ୍ ସ୍ପଟ ଗୁଡିକରେ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗାଡି ଚାଳନା ଏବଂ ଅନୈତିକ ଭାବରେ ନିଶା ସେବନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ଅନୁରୋଧ କରାଯାଇଥିଲା । ରାସ୍ତାରେ କୌଣସି ଦୁର୍ଘଟଣା ଯୋଗୁଁ ରାସ୍ତା ଅବରୋଧ ସୃଷ୍ଟି ହେଲେ ତୁରନ୍ତ ରାସ୍ତା ଚଳାଚଳ ଯୋଗ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମସ୍ତ ଭାରପ୍ରାପ୍ତ ପୋଲିସ ଅଧିକାରୀମାନଂକୁ ଅନୁରୋଧ କରାଯାଇଥିଲା । ଏହି ବାବଦରେ ସମସ୍ତ ଖର୍ଚ୍ଚ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରଦାନ କରିବେ । ନିଶାସକ୍ତ ଅବସ୍ଥାରେ ଗାଡିଚାଳନାକୁ ରୋକିବା ଏବଂ ମଦ ଦୋକାନଗୁଡିକରେ ଅବୈଧ ବିକ୍ରିକୁ ରୋକିବା ଦିଗରେ ପଦକ୍ଷେପ ସ୍ୱରୁପ ପୋଲିସ,ପରିବହନ ଓ ଅବକାରୀ ବିଭାଗ ଦ୍ୱାରା ମିଳିତ ଭାବେ ଯାଞ୍ଚ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ, ନାଲକୋ, ମହାନଦୀ କୋଇଲା ଖଣି ନିଜ ନିଜ ଅଂଚଳର ଥାନା ଗୁଡିକରେ ଯଥା ଜରପଡା,ବଆଁରପାଳ ଏବଂ ତାଳଚେର ଗୋଟିଏ ଗୋଟିଏ ଆମ୍ବୁଲାନ୍ସ ମହଜୁଦ ରଖି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଆଶୁ ଚିକିତ୍ସାରେ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ , ସଡକ ସୁରକ୍ଷା କମିଟିର ସଦସ୍ୟ ତଥା ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଶ୍ରୀ ଗଗନ ପରିଡା ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୬୨୮ ତା.୨୯.୧୧.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

[signature] ୨୯।୧୧।୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,

ଅନୁଗୋଳ ।


ANGUL


District Administration
ANGUL


ANGUL
ଜିଲ୍ଲା ପ୍ରଶାସନ, ଅନୁଗୋଳ